୧୧ ଅଗଷ୍ଟ ୨୦୨୩ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍

ଜମାଅତ ଅହେମଦିୟା ସହିତ ଅପରିବର୍ତ୍ତିତ ରହିଥିବା ପରମେଶ୍ୱରଙ୍କ ସହାଯ୍ୟ ସହଯୋଗ ଓ ଐଶୀ-କୃପାବତୀର୍ଣ୍ଣର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱ୍ୱର[ଅ.ବ] କହିଲେ; ପରାକ୍ରମୀ ଅଲ୍ଲାଃଙ୍କ ପ୍ରତିଶୃତି ଅନୁଯାୟୀ ହଜରତ ମୁହମ୍ମଦ [ସ.ଅ]ଙ୍କ ସଚ୍ଚୋଟ ଦାସଙ୍କ ଜମାଅତ ଉପରେ ପ୍ରତ୍ୟେକ ଦିନ ପ୍ରଭୁଙ୍କର କୃପାବତୀର୍ଣ୍ଣ ହୋଇଚାଲିଛି । ଏହାର ଚର୍ଚ୍ଚା ଆମ ବାର୍ଷିକ ଧର୍ମ ସମ୍ମିଳନୀର ରିପୋର୍ଟରେ ହୋଇଥାଏ । କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ସେସମସ୍ତ ଘଟଣାବଳୀ ଉପରେ ଆଲୋକପାତ କରିବା ଅସମ୍ଭବ । ତେବେ ସେଥିମଧ୍ୟରୁ କିଛି ଘଟଣାବଳୀର ଚର୍ଚ୍ଚା ଆଜି ମଧ୍ୟ କରିବି ।

କନ୍‌ଶାସାର ସ୍ଥାନୀୟ ମିଶ୍‌ନରୀ ସାହେବ ଲେଖିଛନ୍ତି ଯେ, ୱ୍ୱରା ସହରରେ ଆମ ରେଡ଼ିଓ କାର୍ଯ୍ୟକ୍ରମ ଶୁଣି ସ୍ଥାନୀୟ ଇମାମ ମସଜିଦ୍ ଶ୍ରୀମାନ ଇଶା ସାହେବ ଜମାଅତ ସହିତ ସମ୍ପର୍କ ସ୍ଥାପନ କରି ଆମ ମିଶନ୍‌କୁ ଆସିଲେ । ଜମାଅତର ସନ୍ଦେଶ ବୁଝିବାକୁ ଚେଷ୍ଟା କଲେ ଏବଂ ବୈଅତ କରିନେଲେ । ସେଥିଅନ୍ତେ ନିଜ ଗ୍ରାମକୁ ଫେରି ପ୍ରଚାର କାର୍ଯ୍ୟ ଆରମ୍ଭ କଲେ, ପରିଣାମ ସ୍ୱରୂପ ୨୪ଜଣ ବ୍ୟକ୍ତି ଜମାଅତରେ ସାମିଲ ହୋଇଗଲେ । ପରବର୍ତ୍ତୀ ସମୟରେ ଆମ ମୁବଲ୍ଲିଗ୍ ସାହେବ ଉକ୍ତ ଗ୍ରାମ ଗସ୍ତ କରିବାକୁ ଗଲେ ଏବଂ ଅଧିକ ଆଠ ଜଣ ବ୍ୟକ୍ତି ଜମାଅତରେ ସାମିଲ ହୋଇଗଲେ । ଏପରି ସେଠାରେ ଏକ ନୂତନ ଜମାଅତ ଗଠନ ହୋଇଯାଇଛି ।

କନ୍‌ଶାସାର ଏକ ରାଜ୍ୟ ମାଇନ୍ ଦୋମ୍ବେର ଏକ ଗ୍ରାମର ମୌଲ୍ଲିମ୍ ଶ୍ରୀମାନ ଉମର ମୁନୱ୍ୱର ସାହେବଙ୍କୁ ପ୍ରଚାର କରିବା ପାଇଁ ପ୍ରେରଣ କରାଗଲା । ସେ ସେଠାରେ ପତ୍ରିକା ବଣ୍ଟନ କରିବା ଦେଖି କିଛି ଲୋକ ତାଙ୍କୁ ପଥର ମାରିବା ସହିତ ଚିତ୍କାର କରିବା ଆରମ୍ଭ କରିଦେଲେ । ମୌଲ୍ଲିମ୍ ସାହେବ ପଥର ମାଡ଼ରୁ ନିଜକୁ ରକ୍ଷା କରି ପ୍ରଚାର କାର୍ଯ୍ୟ ଜାରି ରଖିଲେ । ସ୍ଥାନୀୟ ଲୋକେ ତାଙ୍କର ଏହି ଧୈର୍ଯ୍ୟ ଓ ସାହାସ ଦେଖି ପ୍ରଭାବିତ ହେଲେ । ପୁନଶ୍ଚ ସେ ସେଠାକାର ମସଜିଦ୍‌କୁ ଯାଇ ଲୋକମାନଙ୍କ ପ୍ରଶ୍ନର ସାନ୍ତ୍ୱନା ମୂଳକ ଉତ୍ତର ଦେଲେ । ବସ୍ତୁତଃ ୪୦/୪୨ଜଣ ଲୋକ ଏଥିରେ ପ୍ରଭାବିତ ହୋଇ ବୈଅତ କରିନେଲେ ଏବଂ ଏପରି ସେଠାରେ ଏକ ନୂତନ ଜମାଅତ ସ୍ଥାପନ ହୋଇଗଲା ।

ଗିନୀ ବସାଓର ଇମାମ ଶ୍ରୀମାନ ତମାନେ ସାହେବ କୁହନ୍ତି, ଆଜି ପର୍ଯ୍ୟନ୍ତ ଆମେ ଜମାଅତ ସମ୍ପର୍କରେ ଏହା ହିଁ ଶୁଣି ଆସିଛୁ ଯେ, ଆପଣମାନେ ହଜରତ ମୁହମ୍ମଦ[ସ.ଅ], ପବିତ୍ର କୁରଆନ ଓ ହଦିସ୍‌ର ପ୍ରତ୍ୟାଖାନ କରନ୍ତି । କିନ୍ତୁ ଆଜି ଆମେ ଜଲସାରେ ଆପଣଙ୍କ ଖଲିଫାଙ୍କୁ ଦେଖିଲୁ ଓ ଶୁଣିଲୁ । ସେ ନିଜ ଅଭିଭାଷଣରେ ଅଲ୍ଲାଃତାଲା,

ହଜରତ ମୁହମ୍ମଦ[ସ.ଅ], ପବିତ୍ର କୁରଆନ ଓ ହଦିସ୍‌ର ହିଁ ଶିକ୍ଷା ଅନ୍ତର୍ଗତ ଉପଦେଶ ଦେଲେ । ଏଥିରୁ ମୋର ବିଶ୍ୱାସ ହୋଇଗଲା ଯେ, **ଜମାଅତ ବିରୁଦ୍ଧରେ ମିଥ୍ୟା ପ୍ରୋପଗଣ୍ଡା ଚଳା ଯାଇଅଛି ଏବଂ ଏପରି ଷଡ଼ଯନ୍ତ୍ର କେବଳ ଐଶୀ ଜମାଅତ ସହିତ ହିଁ କରାଯାଇଥାଏ ।** ସୁତରାଂ ଆଜି ମୁଁ ବୈଅତ କରି ଜମାଅତରେ ସାମିଲ ହେଉଅଛି ।

ବ୍ରୋଣ୍ଡିର ଏକ ଗ୍ରାମରେ ସୁନ୍ନି ମସଜିଦ୍‌ର ଇମାମ ଜମାଅତର ସମଜିଦ୍‌କୁ ବନ୍ଦ କରିବା ସକାଶେ ପୂର୍ଣ୍ଣ ପ୍ରୟାସ କଲେ । କିନ୍ତୁ ତାହାର ସମସ୍ତ ପ୍ରୟାସ ଫସର ଫାଟିଗଲା । ଶେଷରେ ଆମ ମୌଲ୍ଲିମ୍ ସାହେବଙ୍କୁ ଡ଼କାଇ ୱଫାତେ ମସିହ୍ (ମସିହ୍‌ଙ୍କ ମୃତ୍ୟୁବରଣ) କରିବା ପ୍ରସଙ୍ଗରେ ତର୍କ କଲେ । ଯେତେବେଳେ ଆମ ମୌଲ୍ଲିମ୍ ସାହେବ ପ୍ରମାଣ ଉପସ୍ଥାପନ କଲେ ଆଉ ତାଙ୍କୁ କୌଣସି ବାଟ ନଦିସିଲା ସେତେବେଳେ ସେ ଜମାଅତ ଉପରେ ଧର୍ମଦ୍ରୋହୀର ଫତ୍‌ୱା ଲଗାଇଦେଲେ । ତାଙ୍କରି ଗୋଷ୍ଠୀର ଜଣେ ବ୍ୟକ୍ତି ତାଙ୍କୁ କହିଲେ; ଜମାଅତର ଇସଲାମ ତ ବୁଝା ପଡୁଛି କିନ୍ତୁ ଆପଣଙ୍କର ବୁଝାପଡୁ ନାହିଁ । ଏପରି ସେମାନଙ୍କ ଆପୋଷ ମଧ୍ୟରେ କଳହର ସୂତ୍ରପାତ ଘଟିଲା ଏବଂ ପ୍ରଶାସନ ସେମାନଙ୍କ ମସଜିଦ୍‌କୁ ତିନି ମାସ ପର୍ଯ୍ୟନ୍ତ ବନ୍ଦ କରିଦେଲା । ବର୍ତ୍ତମାନ ଏହି ପ୍ରଥା ପାକିସ୍ତାନର ନାମକୁ ମାତ୍ର ବିଦ୍ୱାନ ବୋଲାଉଥିବା ଧର୍ମଜାଜକମାନେ ପ୍ରତ୍ୟେକ ସ୍ଥାନରେ ଚଳାଇଛନ୍ତି ଯେ, ଅହେମଦିଙ୍କ ମସଜିଦ୍‌କୁ ବନ୍ଦ କରାଅ ଅଥବା ସେମାନଙ୍କ ମିନାରା ଓ ମେହରାବ୍ ଭାଙ୍ଗି ଦିଅ । ଯେତେବେଳେ କି ପାକିସ୍ତାନର ଆଇନ୍‌ରେ କୌଣସି ସ୍ଥାନରେ ଉଲ୍ଲେଖ ନାହିଁ କି ଅହେମଦିମାନେ ମିନାରା ତିଆରୀ କରିବାର ଅନୁମତି ନାହିଁ । କିନ୍ତୁ ପ୍ରଶାସନ ଏହି ନାମକୁ ମାତ୍ର ବିଦ୍ୱାନ ବୋଲାଉଥିବା ଧର୍ମଜାଜକମାନଙ୍କ ସମ୍ମୁଖରେ ବିବଶ । ଏହି ମୌଲବୀମାନେ ଆମର ଅନିଷ୍ଟ କରିବା ପାଇଁ ଯଥେଷ୍ଟ ପ୍ରୟାସ କରୁଛନ୍ତି କିନ୍ତୁ ଇନ୍‌ଶାଅଲ୍ଲାଃ ଦିନେ ଏସମସ୍ତଙ୍କର ବିନାଶ ଘଟିବ ।

ପାକିସ୍ତାନରେ ତ ଆମକୁ ପବିତ୍ର କୁରଆନ୍ ପ୍ରକାଶ କରିବାକୁ ଅନୁମତି ନାହିଁ । ଅନୁବାଦର ପ୍ରଶ୍ନ ହିଁ ଉଠୁ ନାହିଁ । କେତେକ ଅହେମଦିଙ୍କ ଉପରେ ଏପରି କେସ୍ ମଧ୍ୟ କରାଯାଇଛି ଯେ, ସେମାନେ ପବିତ୍ର କୁରଆନ୍ କାହିଁକି ଶୁଣୁଥିଲେ । ଏପରି ରହିଛି ସେହି ନାମକୁ ମାତ୍ର ବିଦ୍ୱାନ ବୋଲାଉଥିବା ଧର୍ମଜାଜକମାନଙ୍କ ଇସଲାମ୍ । ଏହା ବିପରୀତ ଐଶ୍ୱର୍ଯ୍ୟମୟ ପ୍ରଭୁ ଆମ ମାର୍ଗ ପ୍ରଶସ୍ତ କରି ଚାଲିଛନ୍ତି । ଆମେ ବିଶ୍ୱର ବିଭିନ୍ନ ଦେଶରେ ପବିତ୍ର କୁରଆନ୍‌ର ପ୍ରକାଶନ କାର୍ଯ୍ୟ କରିବାର ସୌଭାଗ୍ୟ ଅର୍ଜନ କରିଚାଲିଛୁ । ତାଞ୍ଜାନିଆର ଜଣେ ମୌଲ୍ଲିମ୍ ସାହେବ କୁହନ୍ତି, ଏଠାରୁ ୩୦କି.ମି ଦୂରରେ ଅବସ୍ଥିତ ଏକ ସ୍ଥାନରୁ ଫୋନ୍ ଆସିଲା ଯେ, ସମ୍ପୃକ୍ତ ବ୍ୟକ୍ତି ଜଣକ ସୱାହିଲୀ ଭାଷାରେ ଅନୁବାଦ ହୋଇଥିବା ପବିତ୍ର କୁରଆନ୍ ଖରିଦ୍ କରିବାକୁ ଚାହୁଛନ୍ତି । ତାଙ୍କୁ କୁହାଗଲା ଯେ, ଆପଣଙ୍କ ଅଞ୍ଚଳରେ ମଧ୍ୟ ତାହା (ଅନୁବାଦ) ଉପଲବ୍ଧ ରହିଛି । କିନ୍ତୁ ସେ ପୁନଶ୍ଚ କହିଲେ; ମୋତେ ଜମାଅତୀୟ ଅନୁବାଦ ଓ ବ୍ୟାଖ୍ୟା ହିଁ ଦରକାର କାରଣ ମୋତେ ତାହା ବହୁତ ଭଲ ଲାଗେ ।

ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ କେତେକ ଦେଶ ଯେପରି ସ୍ୱୋଡ଼େନ୍ ଓ ଡ଼େନ୍‌ମାର୍କ ଆଦିରେ ପବିତ୍ର କୁରଆନ୍‌ର ତିରସ୍କାର କରାଯାଉଛି । କିନ୍ତୁ ସେଠାରେ ଯେତେବେଳେ ଇସଲାମର ସୁନ୍ଦର ଓ ଅପୂର୍ବ ଶିକ୍ଷା ଉପସ୍ଥାପନ କରାଯାଏ ସେତେବେଳେ ବିରୋଧୀମାନଙ୍କ ଆଚରଣ ବଦଳି ଯାଇଥାଏ । **ଆଜି ଜମାଅତ ଅହେମଦିୟା ହିଁ ପବିତ୍ର କୁରଆନ୍‌ର ଆସନକୁ ଉର୍ଦ୍ଧ୍ୱଗାମୀ କରିବା ଓ ତାହାର ଶିକ୍ଷାକୁ ପରିବ୍ୟାପ୍ତ କରିବା ଦିଗରେ ତତ୍ପର ।**

ପବିତ୍ର କୁରଆନ୍‌ର ପ୍ରକାଶନ ଓ ଇସଲାମୀୟ ନୈତିକ ଶିକ୍ଷା ଉପରେ ପର୍ଯ୍ୟବସିତ ପତ୍ରିକା ଲୋକମାନଙ୍କୁ କିଭଳି ପ୍ରଭାବିତ କରୁଛି । ଏହି ପରିପ୍ରେକ୍ଷୀରେ କିଛି ଘଟଣା ଆଲୋଚନା କରି ଦେଉଛି । ଗୋଲାଘାଟ (ସ୍ଥାନର

ନାମ) ପୁସ୍ତକମେଳା ଅବସରରେ ଜଣେ ମୁସଲମାନ ଅଧ୍ୟାପିକା ଶ୍ରୀମତି ଶବାନା ଅଥବା ସମିନା ସାହେବାଃ ଆମ ଷ୍ଟଲ୍‌କୁ ଦେଖି ଅତି ପ୍ରସନ୍ନିତ ହେଲେ ଏବଂ ଆସି ସିଧା ପବିତ୍ର କୁରଆନ୍‌ର ଆସାମୀ ଅନୁବାଦ ଉଠାଇ ନିଜ ସାଥିରେ ଆସିଥିବା ଅଧ୍ୟାପକଙ୍କୁ କହିଲେ; ଆଜି ମୋର ଏକ ସ୍ୱପ୍ନ ପୂରଣ ହୋଇଗଲା । ମୁଁ ଦୀର୍ଘ ସମୟ ହେଲା ପବିତ୍ର କୁରଆନ୍‌ର ଆସାମୀ ଅନୁବାଦର ଅନ୍ୱେଷଣରେ ଥିଲି । ମୋର ଜଣେ ଶିକ୍ଷକ ଥିଲେ ସେ ଅନେକ ଥର ମୋତେ ପବିତ୍ର କୁରଆନ୍‌ର ଆସାମୀ ଅନୁବାଦ ମାଗିଥିଲେ କିନ୍ତୁ ମୋ ନିକଟରେ ତାହା ନଥିବା ଯୋଗୁଁ ମୁଁ ତାଙ୍କୁ ତାହା ଯୋଗଇ ଦେବାରେ ଅସମର୍ଥ ରହିଥିଲି । ଏଥିପାଇଁ ମୁଁ ଅତ୍ୟନ୍ତ ଅନୁତପ୍ତ ଥିଲି ଏବଂ ନିଜ ମୁସଲମାନ ହେବାରେ ମୋତେ ପରିତାପ ହେଉଥିଲା କି ମୁଁ ନିଜ ଗୁରୁଜୀଙ୍କର ଏଇ ସାମାନ୍ୟ ଅଭିଳାଷ ପୂରଣ କରି ପାରିଲି ନାହିଁ । କିନ୍ତୁ ତାଙ୍କ ନିଧନ ପରେ ଆଜି ମୋତେ ତାହା ମିଳି ଯାଇଛି ।

ପୁନଶ୍ଚ ଧିମାଜୀ ପୁସ୍ତକମେଳାରେ ଜନୈକ ମହିଳା ଶ୍ରୀମାନ ବାନ୍ତି ଦୋବାରସ ଯେ କି ଏକ ଶିବ ମନ୍ଦିର ନିର୍ମାଣ କରୁଛନ୍ତି ଏବଂ ତାହାର ପ୍ରଚାର ମଧ୍ୟ କରୁଛନ୍ତି । ସେ ଜଣେ ହିନ୍ଦୁ ଧର୍ମାବଲମ୍ବୀ, ସେ ଆମ ଷ୍ଟଲ୍ ଦେଖି ଆଶ୍ଚର୍ଯ୍ୟିତ ହେଲେ ଯେ, ଏହି ଅଞ୍ଚଳରେ ମୁସଲମାନମାନେ ସଂଖ୍ୟାଲଘୁ ଅଟନ୍ତି । ଏଠାରେ ଏକ ମୁସଲମାନ ଷ୍ଟଲ୍ ଲଗାଯାଇଛି । ସେ ଆମ ଷ୍ଟଲ୍‌କୁ ଆସି ବାର୍ତ୍ତାଳାପ କଲେ ଏବଂ ଅତି ଆନନ୍ଦିତ ହୋଇ ଫେରିଲେ । ପରବର୍ତ୍ତୀ ଦିନ ପୁନଶ୍ଚ ଆସିଲେ ଏବଂ ଷ୍ଟଲରେ ଥିବା ପ୍ରତ୍ୟେକ ସଦସ୍ୟଙ୍କୁ ଫଳ ଖାଇବାକୁ ଦେଲେ । ଷ୍ଟଲ୍‌ରେ ରଖା ଯାଇଥିବା ପବିତ୍ର କୁରଆନ୍‌କୁ ଦେଖି ଅତି ପ୍ରସନ୍ନିତ ହେଲେ ଏବଂ ତାହାକୁ ଖରିଦ୍ କରି କହିଲେ; ଆଜି ଆପଣ ମୋ ଜୀବନର ଏକ ସ୍ୱପ୍ନ ସାକାର କରିଦେଲେ ।

ଶେଷ ଧର୍ମ ବିଧାନ ଅର୍ଥାତ ପବିତ୍ର କୁରଆନ୍ ଯାହାର ଅଧ୍ୟୟନ କରିବା, ଶୁଣିବା ଓ ତାହାକୁ ନିଜ ନିକଟରେ ରଖିବା ପାଇଁ ମଧ୍ୟ ପାକିସ୍ତାନ ଅହେମଦିମାନଙ୍କ ଉପରେ ପ୍ରତିବନ୍ଧ ଲଗାଯାଇଛି । ଏପରିକି ଏହା ଏକ ବହୁତ ବଡ଼ ଅପରାଧ । ସେହି ଧର୍ମପୁସ୍ତକ ଯାହାକୁ ନେଇ ଜମାଅତ୍ ଅହେମଦିୟା ସମଗ୍ର ବିଶ୍ୱରେ ଇସଲାମର ସନ୍ଦେଶ ପହଞ୍ଚାଉଅଛି । ଜଗତର କଲ୍ୟାଣ ଓ ସଂସ୍କାର ମୂଳକ କାର୍ଯ୍ୟ କରୁଅଛି । ମାଇକ୍ରୋନେଶିଆର ମୁବଲ୍ଲିଗ୍ ସାହେବ କୁହନ୍ତି, କିଛି କାଳ ପୂର୍ବରୁ ଜଣେ ବ୍ୟକ୍ତି ସାଇମନ୍ ଗେଡ଼ନ୍ ଜମାଅତ୍ ସହ ସମ୍ପର୍କ ସ୍ଥାପନ କରି ପବିତ୍ର କୁରଆନ୍ ହାସଲ କଲେ । କିଛି କାଳ ପରେ ଏକଦା ହଠାତ୍ ତାଙ୍କର ସନ୍ଦେଶ ମିଳିଲା କି ମୁଁ ଆପଣଙ୍କୁ ସାକ୍ଷାତ କରିବାକୁ ଚାହୁଁଛି । ଅତଏବ ସେ ମସଜିଦ୍ ଆସି କହିଲେ, ମୁଁ ସାରା ଜୀବନ ବାଇବେଲ୍‌କୁ ଆମୂଳଚୂଳ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କଲି କିନ୍ତୁ ଶତଚେଷ୍ଟା ସତ୍ତ୍ୱେ ସେହି ଶିକ୍ଷା ମୋ ମନକୁ ଛୁଇଁ ପାରିଲା ନାହିଁ । ମୋତେ ତାହାର କିଛି ହେଲେ ବୁଝା ପଡ଼ିଲା ନାହିଁ । କିନ୍ତୁ ଯେବେଠାରୁ ପବିତ୍ର କୁରଆନ୍ ଅଧ୍ୟୟନ କରିବା ଆରମ୍ଭ କରିଛି । **ଏପରି ପ୍ରତୀତ ହେଉଛି ଯେମିତି ତାହାର ପ୍ରତିଟି ଶବ୍ଦ ହୃଦୟରେ ପ୍ରବୀଷ୍ଟ ହୋଇଯାଉଛି ।** ଏହାକୁ ନେଇ ସେ ଆଶ୍ଚର୍ଯ୍ୟିତ ଥିଲେ ଯେ, ଏହା କିପରି ହେଉଛି । ସାରା ଜୀବନ ମୁଁ ଭ୍ରମରେ ରହିଥିଲି ଏବଂ ପବିତ୍ର କୁରଆନ୍‌ର ଶିକ୍ଷାରୁ ବଞ୍ଚିତ ରହିଥିଲି । ବର୍ତ୍ତମାନ ସେ କେବଳ ଜମାଅତରେ ଅନ୍ତର୍ଭୁକ୍ତ ହୋଇ ନାହାନ୍ତି ବରଂ ବେଶ ସାହାସିକତାର ସହିତ ଇସଲାମର ପ୍ରଚାର କାର୍ଯ୍ୟ ମଧ୍ୟ କରୁଛନ୍ତି ।

ବୁର୍କିନାଫାସୋର ମେହଦିୟାବାଦ୍ ଅଞ୍ଚଳର ଶ୍ରୀମାନ ସଈଦ୍ ଓଜିକା ସାହେବ ବର୍ଣ୍ଣନା କରନ୍ତି, ଯେତେବେଳେ ଆମ ଗ୍ରାମର ଅଧିକାଂଶ ଲୋକ ଅହେମଦି ହୋଇଗଲେ ସେତେବେଳେ ଆମର ଜଣେ ନିକଟ ସମ୍ପର୍କୀୟ ଆମକୁ ସାଉଦି ଆରବ ଡ଼କାଇଲେ ଏବଂ ଖାନା କାବା ଦେଖାଇ କହିଲେ, ତୁମେ ଅହେମେଦିୟତ୍ ଛାଡ଼ି ୱହାବୀ ହୋଇଯାଅ । ଏଥିରେ ମୁଁ ତାଙ୍କୁ ଉତ୍ତର ଦେଲି, **ମୁଁ ଏହି ପବିତ୍ର ପୀଠସ୍ଥଳୀରେ ଛିଡ଼ା ହୋଇ ଦୁଆ କରୁଛି ଯେ ମୋ ଜୀବନରେ ଏପରି କୌଣସି ମୁହୂର୍ତ୍ତ ନଆସୁ ଯେତେବେଳେ କି ମୋତେ ଅହେମଦିୟତ୍**

**ଛାଡ଼ିବାକୁ ପଡ଼ିବ ।** ବରଂ ପ୍ରଭୁ ମୋତେ ସେପରି ସମୟ ଆସିବା ପୂର୍ବରୁ ବିଶ୍ୱାସର ଅବସ୍ଥାରେ ହିଁ ଆରପାରିକୁ ଡ଼ାକି ନିଅନ୍ତୁ । କିଛି ଦିନ ପରେ ତାଙ୍କର ସେହି ବନ୍ଧୁ ବୁର୍କିନାଫାସୋ ଫେରିଲେ । ଅଲହାଜ୍ ଇବ୍ରାହିମ୍ ସାହେବ ତାଙ୍କୁ ତବଲିଗ୍ କରିବାରୁ ସେ ଅହେମଦି ହୋଇଗଲେ ।

ନାଇଜେରିଆର ଜଣେ ବନ୍ଧୁ ଅହେମଦି ହେବାର ସୌଭାଗ୍ୟ ଲାଭ କଲେ । ତାହା ପୂର୍ବରୁ ସେ ବିରୋଧୀମାନଙ୍କ ଜଣେ ସକ୍ରିୟ ସଦସ୍ୟ ଥିଲେ । ଅହେମଦି ହେବା ପରେ ତାଙ୍କୁ ଭୀଷଣ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା । ଏକଦା ସେ ଜମିରେ କାମ କରୁଥିବା ବେଳେ ଭୟଙ୍କର ବାତ୍ୟା ଆସିଲା ସେତେବେଳେ ବିରୋଧୀମାନଙ୍କ କଥା ତାଙ୍କର ମନେପଡ଼ିଲା ଯେ, ଦିନେ ତୁମେ କାମ ସାରି ଘରକୁ ଫେରି ଦେଖିବ କି ତୁମ ଘର ଧୂଳିଶାତ ହୋଇଯାଇଛି । ସେ ଦୁଆ କଲେ ହେ ପ୍ରଭୁ ! ଏହି ଜମାଅତ ଯଦି ତୁମର ଏବଂ ମସିହ୍ ମଉଦ୍ ସେହି ପ୍ରତିଶୃତ ମସିହ୍ ଓ ମେହ୍‌ଦୀ ଯାହାଙ୍କ ସୁସମାଚାର ହଜରତ ମୁହମ୍ମଦ[ସ.ଅ] ପ୍ରଦାନ କରିଥିଲେ ତେବେ ମୋ ଘରକୁ ରକ୍ଷା କର । ଜମିରୁ କାର୍ଯ୍ୟ ସାରି ସେ ଘରୁ ଫେରି କ'ଣ ଦେଖିଲେ କି ତାଙ୍କ ଗୃହର ପ୍ରତ୍ୟେକ କୋଠରୀ ସୁରକ୍ଷିତ ଅଛି । ତାଙ୍କର କୌଣସି ପ୍ରକାରର କ୍ଷତି ହୋଇ ନାହିଁ । କିନ୍ତୁ ଆଖପାଖର ସମସ୍ତ ଘରଦ୍ୱାର ଧୂଳିଶାତ ହୋଇଯାଇଛି । ଏବେ ତାଙ୍କର ଦୃଢ଼ ବିଶ୍ୱାସ ହୋଇଗଲା ଯେ, ଜମାଅତ ଅହେମଦିୟା ଏକ ଐଶୀ ଜମାଅତ ।

ବିଶ୍ୱର ବିଭିନ୍ନ ସ୍ଥାନରେ ଅଲ୍ଲାଃତାଲାଙ୍କ ସହାଯ୍ୟ ସହଯୋଗର ହସ୍ତ ହଜରତ ମସିହ ମଉଦ [ଅ.ସ]ଙ୍କ ସହିତ ଜାଜୁଲ୍ୟମାନ । ଯେ ଆମକୁ ବାସ୍ତବିକ ଇସଲାମର ଶିକ୍ଷା ଦେଲେ । ଏହି ଘଟଣାମାନ ଅହେମଦିୟତ୍‌ର ସତ୍ୟତାର ପ୍ରମାଣ ଏବଂ ସଦସ୍ୟବୃନ୍ଦଙ୍କ ବିଶ୍ୱାସକୁ ଦୃଢ଼ୀଭୂତ କରୁଅଛି । ଅଲ୍ଲାଃତାଲା ସଂସାରବାସୀଙ୍କ ଚକ୍ଷୁ ଉନ୍ମୁକ୍ତ କରାନ୍ତୁ ଏବଂ ତାଙ୍କୁ ସତ୍ୟ ଓ ସତ୍‌ପଥକୁ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଏହି ଦିନମାନଙ୍କରେ କୋଭିଡ୍ ସଂକ୍ରମଣ ପୁନଃ ପରିବ୍ୟାପ୍ତ ହେଉଅଛି । ତେଣୁ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରିବା ଉଚିତ୍ ।

ଖୁତବା ଜୁମାର ଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଚାରିଜଣ ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ନମାଜ ଜୁମା ପରେ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା ମଧ୍ୟ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ଲ୍ ଇହ୍‌ସାନି ୱ୍ଇତାଇଜିଲ କୁର୍‌ବା ୱ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ଲ୍ ମୁନ୍‌କରି ୱ୍ଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

★★★ ★★★ ★★★ ★★★

Khulasa Khutba Juma Huzoor Anwar a.b.a
11th August 2023